# Akashvani, Sambalpur

## SAMBALPURI NEWS BULLETIN

### 9 January 2025- 6.47- 6.52 am.

*********************************************

ପ୍ରବାସୀ ଭାରତୀୟ ଦିବସ-ପ୍ରଧାନ୍‌ମନ୍ତ୍ରୀ ଆଇ ଆଣ୍ଡ ପିଆର୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଭୁବନେଶ୍ୱର୍ ଜନତା ମଇଦାନ୍ ଠାନେ ୧୮ ନମ୍ବର୍ ପ୍ରବାସୀ ଭାରତୀୟ ଦିବସ୍ ସମ୍ମିଳନୀର୍ ଉଦ୍‌ଘାଟନ୍ କର୍‌ବେ । ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଗଲାରାତି ଭୁବ୍‌ନେଶ୍ୱର୍ ପହୁଁଚିବାର୍ ଉତ୍‌ରୁ ବିଜୁପଟ୍ଟନାୟକ୍ ବିମାନ୍ ବନ୍ଦର୍‌ଠାନେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କେନ୍ଦ୍ରମନ୍ତ୍ରୀମାନେ ତାଙ୍କୁ ସ୍ୱାଗତ୍ ଜନେଇଥିଲେ । ପ୍ରଧାନ୍‌ମନ୍ତ୍ରୀ ବିମାନ୍ ବନ୍ଦର୍‌ନୁ ସିଧା ରାଜ୍‌ଭବନ୍‌କେ ଯାଇଥିଲେ । ଆଏଜ୍ ପ୍ରବାସୀ ଭାରତୀୟ ଦିବସ୍ କାର୍ଯ୍ୟକ୍ରମ୍‌ଥି ସାମିଲ୍ ଦେବେ । ସମାରୋହଥି ତ୍ରିନିଦାଦ୍ ଆର୍ ଟବାଗୋ ଦେଶର୍ ରାଷ୍ଟ୍ରପତି ଖ୍ରୀଷ୍ଟିନ୍ କାର୍ଲା କାଙ୍ଗାଲୁ ଯୋଗ୍ ଦେବେ । ସମ୍ମିଳନୀଥି ରାଜ୍ୟପାଲ୍ , ମୁଖ୍ୟମନ୍ତ୍ରୀଙ୍କର୍ ସହେତେ କେନ୍ଦ୍ରମନ୍ତ୍ରୀମାନେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ପ୍ରଧାନ୍‌ମନ୍ତ୍ରୀ ଇ ଉଧେ "ଥିମ୍ ପାଭିଲିଅନ୍" ଉଦ୍‌ଘାଟନ୍ କର୍‌ବାର୍ ସହେତେ ପ୍ରବାସୀ ଭାରତୀୟ ମାନ୍‌କର୍ ଦେଶ୍ ବୁଲ୍‌ବାର୍ ଲାଗି ଗୁଟେ ଖାସ୍ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କର୍‌ବେ ।

ଦିନର୍ ୧୦ ବଜେନୁ ଡିଡି ନ୍ୟୁଜ୍ ଆର୍ ଡିଡି ଓଡ଼ିଆ ସହେତେ ଇତାର୍ ୟୁଟ୍ୟୁବ୍ ଚେନାଲ୍‌ମାନ୍‌କେ କାର୍ଯ୍ୟକ୍ରମ୍‌ର ସିଧାପ୍ରସାରଣ୍ କରାଯିବା ।

ଆଏଜ୍ ଉପର୍‌ବେଲା ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ବିକଶିତ୍ ଭାରତ୍- ୨୦୪୭କେ ନେଇକରି ପ୍ରବାସୀ ଭାରତୀୟ ମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବେ । ଆଏବାକାଏଲ୍ ଉଦ୍‌ଯାପନୀ ସମାରୋହଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ୍ ଦେଇକରି ପ୍ରବାସୀ ଭାରତୀୟମାନ୍‌କୁ ସମ୍ମାନିତ୍ କର୍‌ବେ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ହେଇଥିବା ଯୁବ ପ୍ରବାସୀ ଭାରତୀୟ ଦିବସ୍ ସମାରୋହଥି ଭିନ୍ ଭିନ୍ ଖେପେ ମୁଖ୍ୟମନ୍ତ୍ରୀ, ବୈଦେଶିକ୍ ବ୍ୟାପାର୍ ମନ୍ତ୍ରୀ, କେନ୍ଦ୍ର ଯୁବବ୍ୟାପାର୍ ମନ୍ତ୍ରୀ ଆର୍ ଦୁହି ଉପ-ମୁଖ୍ୟମନ୍ତ୍ରୀ ଯୁବପ୍ରବାସୀ ମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ଭାରତ୍ ଆର୍ ଓଡ଼ିଶାର୍ ବିକାଶ୍ ଧାରାଥି ସାମିଲ୍ ହେବାର୍‌କେ ଯୁବ ପ୍ରବାସୀ ଭାରତୀୟମାନ୍‌କୁ ଆହ୍ୱାନ୍ ଦେଇଥିଲେ ।

ସେନ୍ତା ସଞ୍ଜ୍‌ବେଲେ ଭିନ୍ ଭିନ୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ହେଇଥିଲା । ପ୍ରବାସୀ ଭାରତୀୟ ମୁକ୍ତାକାଶ ସାଂସ୍କୃତିକ ମଂଚାନ୍ ନ "ଗାଥା ଓଡ଼ିଶାର- ବନ୍ଦେ ଉତ୍କଳ ଜନନୀ" ନୃତ୍ୟ ନାଟିକା ଜରିଏ ବସୁଧୈବ କୁଟୁମ୍ବକମ୍ ବାର୍ତା ସମ୍‌କର୍ ମନ୍ ଜିତିଥିଲା ।

ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ଫେବୃଆରୀ ମାସୁ ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନା ଲାଗୁ ହେବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ସୂଚ୍‌ନା ଦେଇଛନ୍ । ଇ ଯୋଜ୍‌ନା କେବିନେଟ୍‌ଥି ପାରିତ୍ ହେଲା ଉତ୍‌ରୁ ଆଏବା ୧୩ ତାରିଖ୍ କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଚୁକ୍ତିପତ୍ର ସ୍ୱାକ୍ଷରିତ୍ ହେବା । ଇତାର୍‌ଉତ୍‌ରୁ ହିତାଧିକାରୀମାନ୍‌କୁ କାର୍ଡ଼ ବଂଟାଯିବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ । ରାଜ୍ୟର୍ ସାଢ଼େ ୩ କୋଟି ଲୁକ୍‌କୁ ଇ ସ୍ୱାସ୍ଥ୍ୟକାର୍ଡ଼ ଦିଆଯିବା । ସାରା ଦେଶେ ୨୭ ଶହ ଡାକ୍ତର୍‌ଖାନାଥି ହିତାଧିକାରୀମାନେ ଚିକିତ୍ସା ସୁବିଧା ପାଇପାର୍‌ବେ ।

କୁମ୍ଭମେଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ଭାରତ୍ ନ ମୁଲ୍ ହେବାର୍‌କେ ଥିବା ବିଶ୍ୱପ୍ରସିଦ୍ଧ ମହାକୁମ୍ଭ ମେଳାକେ ନଜର୍‌ଥି ରଖିକରି ଓଏସ୍‌ଆର୍‌ଟିସି ତର୍‌ଫୁ ଖାସ୍ ବସ୍ ସେବା ମୁଲ୍ ହେବା । ପୁରୀ, ସମ୍ବଲ୍‌ପୁର୍, ଭବାନୀପାଟ୍‌ନା ଆର୍ ବ୍ରହ୍ମପୁର୍‌ନୁ ଇ ହାଇ ଏଣ୍ଡ୍ ପ୍ରିମିୟମ୍ ବସ୍ ସେବା ମୁଲ୍ ହେଇକରି ଅଯୋଧ୍ୟା ଯିବା । ଫିʼ ମାର୍ଗଥି ୨ ଟା ଲେଖା ବସ୍ ଚାଲ୍‌ବା । ଇ ବସ୍ ସେବା ଆଏବା ୧୨ ମୁଲ୍ ହେଇକରି ଫେବୃଆରୀ ୨୬ ତାରିଖ୍‌ତକ୍ ଚାଲ୍‌ବା । ଯାତ୍ରୀମାନେ ଓଏସ୍‌ଆର୍‌ଟିସି ୱେବ୍‌ସାଇଟ୍ ଆର୍ ମୋବାଇଲ୍ ଆପ୍ ଆର୍ ପାଶର୍ ଓଏସ୍‌ଆର୍‌ଟିସି ଟିକେଟ୍ କାଉଂଟର୍‌ନୁ ଟିକେଟ୍ ବୁକିଂ କରିପାର୍‌ବେ ।

କୁମ୍ଭମେଳା ଗୀତ୍ ରିଲିଜ୍        ପିଆଇବି

ମହାକୁମ୍ଭ ମେଳା ଲାଗି ଆକାଶବାଣୀ ଆର୍ ଦୂରଦର୍ଶନ୍ ତର୍‌ଫୁ ଦୁଇଟା ଭକ୍ତି ଗୀତ୍ ପ୍ରସ୍ତୁତ୍ କରାଯାଇଛେ । କେନ୍ଦ୍ର ସୂଚ୍‌ନା, ପ୍ରସାରଣ ଆର୍ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଗଲାକାଏଲ୍ ନୂଆଦିଲ୍ଲୀ  ଠାନେ ଇ ଦୁହି ଗୀତ୍‌କେ ରିଲିଜ୍ କରିଛନ୍ । ଆକାଶବାଣୀ ତର୍‌ଫୁ ପ୍ରସ୍ତୁତ୍ ଗୀତ୍ "ଜୟ ମହାକୁମ୍ଭ ଜୟ ମହାକୁମ୍ଭ, ପଗ୍ ପଗ୍ ଜୟକାରା ମହାକୁମ୍ଭ" ଗୀତ୍‌କେ ଅଭିନୟ ଶ୍ରୀବାସ୍ତବ ଲେଖିଛନ୍ । ଗାୟକ୍ ରତନ୍ ପ୍ରସନ୍ନା ଆଉ ସନ୍ତୋଷ ନାହର୍ ଇଥି କଣ୍ଠଦାନ୍ କରିଛନ୍ । ଦୂରଦର୍ଶନ୍ ତର୍‌ଫୁ

ପ୍ରସ୍ତୁତ୍ ଭକ୍ତି ଗୀତ୍‌କେ ଲେଖକ୍ ଆଲୋକ ଶ୍ରୀବାସ୍ତବ୍ ଲେଖିଥିବାର୍ ଆର୍ ବଲିଉଡ୍ ଗାୟକ୍ ପଦ୍ମଶ୍ରୀ କୈଳାସ ଖେର୍ ଗାଇଛନ୍ ।

ବର୍‌ଗଡ଼୍ ଧନୁଯାତ୍ରା ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ୍‌ର ୭ ନମ୍ବର୍ ଦିନେ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ, କଂସଙ୍କର୍ ନଗର୍ ଭ୍ରମଣ୍, ରାଜ୍‌ଦର୍‌ବାର୍‌ଥି ନ୍ୟାୟ ବିଚାର୍, ଗୋପୀମାନ୍‌କର୍ ଦହିବିକା, ରାଧାକୃଷ୍ଣଙ୍କର୍ ନାବକେଳି, ଶଙ୍ଖଚୂଡ଼ ବଧ ଆର୍ ନନ୍ଦ ଦର୍‌ବାର୍‌ଥି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେବା ।
ଗଲାକାଏଲ୍ ପ୍ରଶାସନିକ୍ ଅଧିକାରୀଙ୍କର୍ ସହେତେ ମହାରାଜ୍ କଂସଙ୍କର୍ ଜନତା ଦର୍‌ବାର୍, ଗୋପପୁର ନ ଗୋପୀମାନ୍‌କର୍ ବସ୍ତ୍ରହରଣ୍ ବାଗିର୍ ଦୃଶ୍ୟ ଦେଖିବାର୍‌କେ ମିଳିଥିଲା ।

ଯୁବ ମହୋତ୍ସବ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର୍ ବିର୍ସାମୁଣ୍ଡା ପଡ଼ିଆ ଠାନେ ଚାଲିଥିବା ଦୁଇ ଦିନିଆ ଯୁବ ମହୋତ୍ସବ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଛେ । ଇତାର୍‌ସହେତେ ୫ ଦିନିଆ ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ୍

୨୦୨୫ ଭିଲ୍ ସରିଛେ । ଶେଷ୍ ଦିନେ ସିନ୍‌ମା ଜଗତ୍‌ର ଗାୟକ୍‌ମାନ୍‌କର୍ ନାଚ୍‌ଗୀତ୍‌ଥି ମଚାନ୍ ଦୁଲ୍‌କି ଯାଇଥିଲା । ସେଆଡ଼େ ଆଏବା ୧୨ ତାରିଖ୍‌ତକ୍ ପଲ୍ଲିଶ୍ରୀ ମେଳା ଚାଲ୍‌ବା ବଲି ସୂଚ୍‌ନା ଦିଆଯାଇଛେ ।

ବିଦ୍ୟୁତ୍ କାଟ୍        ସମ୍ବଲପୁର ସମ୍ବାଦଦାତା

ଓଡ଼ିଶା ହାଇଡ୍ରୋ ପାୱାର୍ କର୍ପୋରେସନ୍ ଲିମିଟେଡ୍-ଓଏଚ୍‌ପିସି ତର୍‌ଫୁ ୧୩୨/୩୩ କେଭି ଚିପିଲିମା ଗ୍ରୀଡ୍ ସବ୍‌ଷ୍ଟେସନ୍‌ଠାନେ ମରାମତି କାମ୍ ଲାଗି ସମ୍ବଲପୁର ଜିଲ୍ଲାର୍ ଗୋଶାଲା, ଚିପିଲିମା, ଧମା, ହାତୀବାରି, ଯୁଯୁମୁରା, ଆଇଆଇଏମ୍ ସମ୍ବଲପୁର, ପୁଲିସ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍, ସିଆର୍‌ପିଏଫ୍ କେମ୍ପ ଆର୍ ତାର୍ ଆଖର୍‌ପାଖର୍ ଅଂଚ୍‌ଲ୍‌ଥି ଆଏଜ୍‌ଠାନୁ ୧୧ ତାରିଖ୍‌ତକ୍ ସକାଲର୍ ୭ ବଜେନୁ ବେଲ୍‌ବୁଡ଼ାର୍ ୫ ବଜେତକ୍ ମଝି ମଝିଥି ଲାଇଟ୍ କଟାଯିବା । ଇ ବାବ୍‌ଦେ ପର୍ଶ୍ଚିମ୍ ଉଡ଼ିଶାର୍ ବିଦ୍ୟୁତ୍ ବିତରକ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ସୂଚ୍‌ନା କରାଯାଇଛେ ।

ହକି ଇଣ୍ଡିଆ ଲିଗ୍        ଆର୍‌ଏନ୍‌ୟୁ /ସମ୍ବଲପୁର

ରାଉରକେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍ ନ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଆର୍ ଟିମ୍ ଗୋନାସିକା ଭିତ୍‌ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲ୍ ମୁଲ୍ ହେବା ।

ଗଲାକାଏଲ୍ ହାଇଦ୍ରାବାଦ୍ ତୋଫାନ୍ସ- ୟୁପି ରୁଦ୍ରାସ୍‌କେ ଦଲ୍‌କେ ୩-ଶୂନ୍ ଗୋଲ୍‌ଥି ହରେଇକରି ମେଚ୍ ଜିତିଛେ । ୨ ନମ୍ବର୍ ମେଚ୍‌ଥି ତାମିଲ୍‌ନାଡୁ ଡ୍ରାଗନ୍ସ - ଟିମ୍ ଗୋନାସିକାକେ ୬-୫ ଗୋଲ୍‌ଥି ହରେଇଛେ ।